# ଅସ୍ପୃଶ୍ୟତା ପ୍ରସଙ୍ଗ ବନାମ ନୀଳତୃଷ୍ଣା : ଏକ ଅନୁଶୀଳନ

**ଦୀପକ ମଲିକ**

ଅଧ୍ୟାପକ, ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ, ଜିରାଳ ମହାବିଦ୍ୟାଳୟ, ଜିରାଳ, ଢେଙ୍କାନାଳ

**E-Mail:** dm2269114@gmail.com

**Article No :** BB-I-IV-2025-08
**DOI No :** 10.64647/bb.vol.1.issue4.2025.8
**Review Status:** Double-Blind Peer Reviewed
**Language of the Article:** Odia
**Type of Article:** Research Article
**Submission Date :** 27-08-2025
**Publication Date :** 14-10-2025

**ସଂକ୍ଷିପ୍ତସାର:** Abstract

ଉପନ୍ୟାସ ମଣିଷ ଜୀବନ ଓ ଜଗତର ଏକ ବାସ୍ତବ ଓ ପୂର୍ଣ୍ଣାଙ୍ଗ ପ୍ରତିଛବି। ଦୀର୍ଘ କଳେବର ଏବଂ ଜୀବନଧର୍ମିତା ତା'ର ମୌଳିକ ବୈଶିଷ୍ଟ୍ୟ। ସମାଜର ପ୍ରତ୍ୟେକ ସ୍ତରର ସମସ୍ୟା, ଘଟଣା, ଚରିତ୍ର, ଭାଷା, ଭାବ ଆଦି ଉପନ୍ୟାସରେ ଆତ୍ମପ୍ରକାଶ କରିଥାଏ। ଯାହା ଉପନ୍ୟାସକୁ ଅନ୍ୟାନ୍ୟ ସାହିତ୍ୟିକ ବିଭବଗୁଡ଼ିକଠାରୁ ସ୍ୱତନ୍ତ୍ରତା ପ୍ରଦାନ କରେ। ଅସ୍ପୃଶ୍ୟତା ହେଉଛି ଭାରତୀୟ ଜନଜୀବନ ଓ ଜନସଂହତି ମଧ୍ୟରେ ଏକ ପ୍ରମୁଖ ପ୍ରତିବନ୍ଧକ । ତେଣୁ ଅନ୍ୟାନ୍ୟ ସାମାଜିକ ସମସ୍ୟାଗୁଡ଼ିକ ଭଳି ଅସ୍ପୃଶ୍ୟତା ଆମ ସମାଜର ଏକ ଉତ୍କଟ ସମସ୍ୟା। ଯେଉଁ ସମସ୍ୟାଗୁଡ଼ିକୁ ପ୍ରକାଶ କରିବାରେ ଓଡ଼ିଆ ଉପନ୍ୟାସଗୁଡ଼ିକ ସର୍ବଦା ସତମୁଖ। ଏହି ପରିପ୍ରେକ୍ଷୀରେ ଏଠାରେ ପଦ୍ମଶ୍ରୀ ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସଟି ଆଲୋଚ୍ୟ।

**ମୂଳଶବ୍ଦ :** ନୀଳତୃଷ୍ଣା, ଅସ୍ପୃଶ୍ୟ, ଉପନ୍ୟାସ, ରୁପେଇ, କଳିଙ୍ଗ, ଫୁଲଝରୀ, ବୁଲାବାବା, ସହର, ଖଳା।

"ଛବିରେ ଦେଖିବା ଭଳି ମୋର ସେ ଗାଁ । ଦୂରରୁ ସୁନ୍ଦର । ଅଥଚ ଭିତରେ କେତେ ଦୁଃଖ, ଦାରିଦ୍ର୍ୟ, ଅଶିକ୍ଷା, ଅନ୍ଧବିଶ୍ୱାସ, ଆବର୍ଜନା ! ମୋ ଗାଁରେ ନ ଥାନ୍ତା କି ସବର୍ଣ୍ଣ ଅସବର୍ଣ୍ଣ ଭେଦଭାବ ! ହରିଜନ ଜାତିର ମଣିଷଗୁଡ଼ା ହୋଇଥାନ୍ତେ କି ମଣିଷ ! ଆହା ! ସେମାନେ ତ ପଶୁଠାରୁ ବି ହୀନ ଜୀବନ ବିତାନ୍ତି । ଆୟୁଷ ଥିବା ଯାଏ ପ୍ରାଣଟାକୁ ଜାବୁଡ଼ିଧରି ରଖିବାର ପ୍ରୟାସ କରନ୍ତି । ଫଳ–ମୂଳ, କ୍ଷୀର, ଛେନା, ପନିପରିବା, ମାଛ–ମାଂସ ତ ଦୂରର କଥା ସେମାନେ ତ ପେଟପୂରା ମୁଠାଏ ଖାଇବାକୁ ବି ପାଆନ୍ତି ନାହିଁ । କାହିଁକି ମୋ ଗାଁରେ ଏ ଦୈନ୍ୟ ! ମାଟିରେ ତ ଫଳେ ସବୁ– ମାଟି ତ କେବେ ଫଳଫୁଲ ଶସ୍ୟ ଦେବା ପାଇଁ କାର୍ପଣ୍ୟ କରେ ନାହିଁ। କାର୍ପଣ୍ୟ କରେ ଏଇ ମଣିଷ।" – 'ନୀଳତୃଷ୍ଣା' ଉପନ୍ୟାସର ନାୟିକା ରୁପେଇର ଏହି ଶେଷ ସ୍ୱୀକାରୋକ୍ତି ପ୍ରତ୍ୟେକ ପାଠକ ପ୍ରାଣକୁ ଅଶ୍ରୁପ୍ଲାବିତ କରାଇବା ସହିତ ସମାଜରେ ପ୍ରଚଳିତ ଅସ୍ପୃଶ୍ୟତାର ଭୟାଭୟତାକୁ ସୂଚାଇ ଦିଏ ।

ବିଶ୍ୱର ପ୍ରତ୍ୟେକ ସମାଜରେ ଉଚ୍ଚ-ନୀଚ, ବଡ଼ ସାନ ଆଦି ବିଭିନ୍ନ ସ୍ତର ରହିଛି। ଭାରତୀୟ ସମାଜରେ ରହିବା ମଧ୍ୟ କିଛି ବିଚିତ୍ର ନୁହଁ । କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ବିଶ୍ୱର ପ୍ରତ୍ୟେକ ସମାଜରେ ବ୍ୟକ୍ତି ତା'ର ଉଚ୍ଚନୀଚ ସ୍ତର ନିଜର ଅର୍ଜିତ କ୍ଷମତା, ଯୋଗ୍ୟତା ଓ ପ୍ରତିଷ୍ଠାଦ୍ୱାରା ପ୍ରାପ୍ତ କରିଥାଏ । କିନ୍ତୁ ଭାରତୀୟ ସମାଜ ବ୍ୟବସ୍ଥାରେ ସେହିଭଳି ହୋଇନଥାଏ, ବରଂ ମଣିଷ ତା' ଉଚ୍ଚନୀଚ ସ୍ତର ଜନ୍ମଦ୍ୱାରା ପ୍ରାପ୍ତ କରିଥାଏ । ଅର୍ଥାତ୍ ଜନ୍ମରୁ ହିଁ ଏଠାରେ କିଛି ମଣିଷ ଉଚ୍ଚ ହୋଇ ଏବଂ କିଛି ମଣିଷ ନୀଚ ହୋଇ ଜନ୍ମ ହୋଇଥାନ୍ତି। ବୁଦ୍ଧି, ବିଦ୍ୟା, ଯୋଗ୍ୟତା ନଦେଖି ଜନ୍ମରୁ ହିଁ ତା ପାଇଁ ଜୀବନର ବୃତ୍ତି ମଧ୍ୟ ନିର୍ଦ୍ଧାରିତ କରିଦିଆଯାଇଥାଏ । ତେଣିପାଇଁ ଏଠାରେ ଜନ୍ମରୁ ହିଁ ସମାଜର କିଛି ମଣିଷ ସହଜ, ସରଳ, ସ୍ୱାଭାବିକ କାର୍ଯ୍ୟ କରୁଥିବା ସମୟରେ ଅନେକ ମଣିଷ ନାଳ, ନର୍ଦ୍ଦମା ଭଳି ଅସ୍ୱାସ୍ଥ୍ୟକର ସ୍ଥାନରେ କାର୍ଯ୍ୟକରି ଜୀବନ ଅତିବାହିତ କରିବାପାଇଁ ବାଧ୍ୟ ହୋଇଥାନ୍ତି । କୌଣସି ଯୁକ୍ତିଯୁକ୍ତତା ନ ଥାଇ ମଧ୍ୟ ଏହି ସମାଜର ଅଧେ ମଣିଷ ନିଜ କାର୍ଯ୍ୟକୁ ଉଚ୍ଚକର୍ଯ୍ୟ, ନିଜଭାଷାକୁ ଉଚ୍ଚଭାଷା ଓ ନିଜକୁ ଉଚ୍ଚମଣିଷ ବୋଲାଉଥିବା ସମୟରେ ଅଧିକାଂଶ ମଣିଷଙ୍କୁ ନୀଚ, ଅପବିତ୍ର, ଅଛୁଆଁ, ଅସ୍ପୃଶ୍ୟ ବୋଲି କହିଥାନ୍ତି । ଯାହା ଭାରତରେ ରହୁଥିବା ପ୍ରାୟ ପ୍ରତ୍ୟେକ ବ୍ୟକ୍ତି ଅଳ୍ପେ ବହୁତେ ଅନୁଭବ କରୁଥିବେ । ମହାତ୍ମା ଗାନ୍ଧୀଙ୍କ ମତରେ, "ଅସ୍ପୃଶ୍ୟତା ଜାତିପ୍ରଥାରୁ ସୃଷ୍ଟି ହୋଇନାହିଁ । ଏହା ମଣିଷ ମଣିଷ ଭିତରେ ଥିବା ଉଚ୍ଚନୀଚ ଭାବରୁ ସୃଷ୍ଟି ହୋଇଛି । ଏବଂ ଏଇ ଉଚ୍ଚନୀଚର ଭାବନା ଏତେ ଗଭୀର ହୋଇଯାଇଛି ଯେ ଏହା ସ୍ପୃଶ୍ୟ ଏବଂ ଅସ୍ପୃଶ୍ୟତାର ଭେଦଭାବ ସୃଷ୍ଟି କରିଦେଇଛି । ମୋର ଅସ୍ପୃଶ୍ୟତା ଉପରେ ଆକ୍ରମଣ ହେଉଛି, ସମାଜର ଉଚ୍ଚନୀଚ ପ୍ରଭେଦ ଉପରେ ଆକ୍ରମଣ । ମୁଁ ନିଶ୍ଚିତ, ଅସ୍ପୃଶ୍ୟତା ନିବାରଣ ପରେ ହିନ୍ଦୁ ସମାଜରେ ଥିବା ଜାତିପ୍ରଥାର ଶୁଦ୍ଧିକାରଣ ହୋଇଯିବ।"[୯]

ଅସ୍ପୃଶ୍ୟତା ଭାରତୀୟ ସମାଜ ପ୍ରତି ଏକ କଳଙ୍କ । ଯେଉଁ କଳଙ୍କକୁ ଜଣେ ବ୍ୟକ୍ତି ନିଜ ସାରାଜୀବନ ବିନିମୟରେ ମଧ୍ୟ ଲିଭେଇ ପରେ ନାହିଁ । ଯେଉଁ ସନାତନ ହିନ୍ଦୁ ଧର୍ମରେ ପଥରକୁ ଭଗବାନଙ୍କ ପ୍ରତିମୂର୍ତ୍ତି ମାନି ପୂଜା କରାଯାଇଥାଏ । ପଶୁକୁ କୋଳରେ ଧରି ସ୍ନେହ କରାଯାଏ, ସେହିଭଳି ଏକ ସମାଜରେ ମଣିଷକୁ ପଶୁଠାରୁ ଆହୁରି ନିମ୍ନ ଦୃଷ୍ଟିରେ ବିଚାର କରାଯାଇଥାଏ । ଅର୍ଥାତ୍ ପଶୁକୁ କୋଳରେ ଧରି ବୁଲିଲେ କିଛି ଦୋଷ ଲାଗେନାହିଁ କିନ୍ତୁ ମଣିଷର ଛାଇ ଅନ୍ୟ ଏକ ମଣିଷ ଉପରେ ପଡ଼ିଲେ ସେ ଅପବିତ୍ର ହୁଏ, ଅଛୁଆଁ ହୋଇଯାଏ । ଅନ୍ୟ ଜଣକୁ ଶୁଚିହୋଇ ପବିତ୍ର ହେବାକୁ ପଡ଼େ । ଆଜି ଦେଶ ସ୍ୱାଧୀନ ହେବାକୁ ୭୯ବର୍ଷ ବିତିଯାଇଥିଲେ ମଧ୍ୟ ସମାଜରୁ ଏ ବ୍ୟାଧିର ଲୋପ ହୋଇପାରି ନାହି । ବରଂ ଅଞ୍ଚଳ ବିଶେଷରେ ଏହା ଅତି ଭୟଙ୍କର ଭାବରେ ପରିଦୃଶ୍ୟ ହେଉଛି। ଏହି ସାମାଜିକ ବ୍ୟାଧି

ବିରୋଧରେ ଅତୀତରେ ବୌଦ୍ଧ, ଜୈନ, ନାଥ, ବ୍ରାହ୍ମ ତଥା ମହିମା ଆଦି ଧର୍ମାନୁଷ୍ଠାନଠାରୁ ଆରମ୍ଭ କରି ମହାତ୍ମା ଜ୍ୟୋତିରାଓ ଫୁଲେ, ପେରିୟାର, ଡ. ବି. ଆର ଆମ୍ବେଦକର ଏବଂ ମହାତ୍ମା ଗାନ୍ଧୀଙ୍କ ଭଳି ମହାମାନବଙ୍କ ପର୍ଯ୍ୟନ୍ତ ସମସ୍ତେ ଦେଶବ୍ୟାପୀ ଆନ୍ଦୋଳନ କରିଛନ୍ତି । କିନ୍ତୁ ଏହା ସମାଜରୁ ସଂପୂର୍ଣ୍ଣ ଲୋପ ହୋଇପାରି ନାହିଁ। ତାହା ଯେମିତି ସେମିତି ସାମାଜିକ ଜୀବନରେ ଏକ କଳଙ୍କ ହୋଇ ରହିଯାଇଛି । ଆମ ସମାଜରେ ଜଣେ ଅସ୍ପୃଶ୍ୟ ହୋଇ ବଞ୍ଚିବା ଯେ କେତେ ପୀଡ଼ାଦାୟକ, କେତେ ଯନ୍ତ୍ରଣା ଦାୟକ ହୋଇପାରେ ତାହା ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସ ପାଠକଲେ ହୃଦୟଙ୍ଗମ କରିହୁଏ ।

ପ୍ରତିଭା ରାୟଙ୍କ 'ନୀଳତୃଷ୍ଣା' ଉପନ୍ୟାସଟି ୧୯୮୧ ମସିହାରେ ପ୍ରକାଶିତ ହୋଇଛି । ଏହି ଉପନ୍ୟାସଟି ଉପରେ ପ୍ରମିଳା କାପୁରଙ୍କ 'The life and world of call girls in India' ପୁସ୍ତକର ପ୍ରଭାବ ପଡ଼ିଥିବା ସେ ସ୍ୱୀକାର କରିଛନ୍ତି । ଶହେ ପଚାଶ ଜଣ ଭାରତୀୟ କଲଗାର୍ଲଙ୍କର ସାମାଜିକ, ଅର୍ଥନୈତିକ, ପରିବାରିକ ତଥା ମନସ୍ତାତ୍ତ୍ୱିକ ସ୍ଥିତିକୁ ପ୍ରତ୍ୟକ୍ଷ ଭାବରେ ତନ୍ନତନ୍ନ କରି ଅନୁଧ୍ୟାନ ପୂର୍ବକ ଉକ୍ତ ପୁସ୍ତକରେ ପ୍ରମିଳା କପୁର ପ୍ରକାଶ କରିଛନ୍ତି । 'ନୀଳତୃଷ୍ଣା' ଉପନ୍ୟାସରେ ମଧ୍ୟ ଏକ ଅସ୍ପୃଶ୍ୟ ତଥା ହରିଜନ ଝିଅର ଦୁଃଖମୟ ଜୀବନ କାହାଣୀ ପାଠକଙ୍କ ସମ୍ମୁଖରେ ଉନ୍ମୋଚନ କରିଛନ୍ତି ଔପନାସିକା । ଅପର ପକ୍ଷରେ ଉକ୍ତ ଉପନ୍ୟାସରେ ଅନ୍ଧ ସାମାଜିକ ବ୍ୟବସ୍ଥାରେ ଅସବର୍ଣ୍ଣ, ଅଛୁଆଁ ବୋଲାଯାଉଥିବା ମଣିଷମାନଙ୍କୁ ସେମାନଙ୍କ ବଞ୍ଚିବାର ସର୍ବନିମ୍ନ ଅଧିକାର ଫେରେଇଦେବାକୁ ଏକ ବୈପ୍ଲବିକ ଆହ୍ୱାନ ମଧ୍ୟ ଶୁଣାଇଛନ୍ତି ।

ଉପନ୍ୟାସର ପ୍ରଥମ ପର୍ଯ୍ୟାୟରେ ପାଠକ ଦେଖିବାକୁ ପାଆନ୍ତି ଜଣେ ଜାତି କୁଳ ବିବର୍ଜିତ ଭଣ୍ଡ ବୁଲାବାବା ପ୍ରତି ଲୋକଙ୍କର ଅଗାଧଭକ୍ତି ଓ ଆତ୍ମସମର୍ପଣ ଭାବ ଏବଂ ଅପର ପକ୍ଷରେ ଏକ ହରିଜନ ଝିଅ ରୁପେଇର ଜାତିଗତ କାରଣ ପାଇଁ ପିଲାଟି ଦିନରୁ ନିନ୍ଦା, ଅପମାନ, ଘୃଣା ଓ ନିର୍ଯାତନାମୟ ଜୀବନଯନ୍ତ୍ରଣା । ଫୁଲଝରୀ ଗାଁର ଏ ଦୁଇଟି ଘଟଣା ସମାଜରେ ଥିବା ଅନ୍ଧବିଶ୍ୱାସ ଓ କୁସଂସ୍କାରକୁ ପ୍ରକାଶ କରିବାରେ ସଫଳ ହୋଇପାରିଛି । ରୁପେଇ ପିଲାଟି ଦିନରୁ ନିଜ ମଦୁଆ ବାପା ଆଉ ଜାତିଗତ କାରଣ ପାଇଁ ସର୍ବଦା ଅତ୍ୟାଚାରିତା ଓ ନିର୍ଯାତିତା ହୋଇଛି । ପରିଶେଷରେ ନିଜ ସାନଭାଇର ରିଷ୍ଟ ଖଣ୍ଡନ କରିବା ପାଇଁ ଯାଇ ବୁଲାବାବାର ପାଶବିକ ଯୌନକ୍ଷୁଧାର ସ୍ୱୀକାର ହୋଇଛି । ବୁଲାବାବା ଯିଏ କି ଫୁଲଝରୀ ଗ୍ରାମର ପ୍ରତେକ୍ଷ ଦେବତା । ଯାହାଙ୍କ ଆକର୍ଷଣରେ ଚାଲିଆସନ୍ତି ବହୁ ଦୂରଦୂରାନ୍ତରୁ ମାନ୍ୟଗଣ୍ୟ ବ୍ୟକ୍ତି । ଏମାନେ ଜାତି କୁଳ ନଥିବା ଏ ଭଣ୍ଡ ବାବାକୁ ଦେଖିଲେ ପାଦତଳେ ପଡ଼ି ମୁଣ୍ଡିଆ ତ ମାରନ୍ତି, କିନ୍ତୁ ରୁପେଇ ଭଳିଆ ନିରୀହ ନିର୍ବୋଧ ଝିଅକୁ ଅଛୁଆଁ କହି ଘୃଣା କରନ୍ତି । ସୁତରାଂ ଏହା ହେଉଛି ଆମ ସାମାଜିକ ଓ ଧାର୍ମିକ ଜୀବନର ଅନ୍ୟ ଏକ କଳଙ୍କ । ଏଠାରେ ମଣିଷ ଜାତି, ଗୋତ୍ର ନାମରେ ପ୍ରତିମୁହୂର୍ତ୍ତରେ ଘୃଣିତ ଅପମାନିତ ହେଉଥିବା ବେଳେ କୁଳ ଶୀଳ ବିହୀନ ଭଣ୍ଡ ବୁଲାବାବାମାନଙ୍କୁ ସମସ୍ତେ ଭଗବାନଙ୍କ ଅବତାର ମନେ କରନ୍ତି । ତାଙ୍କ ପାଦ ଧୋଇ ପାଦୁକା ପାଆନ୍ତି । ଅତି ଆଡମ୍ବର ସହକାରେ ପୂଜା କରନ୍ତି ।

ଉପନ୍ୟାସର ଅନ୍ୟ ଏକ ଦିଗରେ ପାଠକ ହରିଜନ ଆଦିବାସୀ ଓ ସମାଜ ମଙ୍ଗଳ ବିଭାଗରେ କାର୍ଯ୍ୟ କରୁଥିବା ଉଚ୍ଚବର୍ଣ୍ଣ ମଣିଷର ପ୍ରକୃତ ସ୍ୱରୂପକୁ ଦେଖିବାକୁ ପାଇଥାନ୍ତି । ସେମାନେ ଆଦିବାସୀ ହରିଜନଙ୍କ ମଙ୍ଗଳ ପାଇଁ କାର୍ଯ୍ୟ କରୁଥିଲେ ହେଁ ସେମାନଙ୍କର କୌଣସି ଉନ୍ନତି କରନ୍ତି ନାହିଁ । ତା ପରିବର୍ତ୍ତେ ସେମାନଙ୍କୁ ଶୋଷଣ କରନ୍ତି । ସମୟ ପଡ଼ିଲେ ଘୃଣା, ଅପମାନ କରିବାକୁ ମଧ୍ୟ ପାପ ବୋଲି ମନେ କରନ୍ତି ନାହିଁ । ଏହି ଭଳି ଚରିତ୍ର ହେଉଛନ୍ତି ପ୍ରତାପ କେଶରୀ ବାଘସିଂହ ଓ ତାଙ୍କ ସ୍ତ୍ରୀ ପ୍ରଭାମୟୀ। ସେଦିନ ରୁପେଇ ନିଜ ଯନ୍ତ୍ରଣା ଓ ନିର୍ଯାତନାମୟ ଜୀବନରୁ ବାହାରି ସେମାନଙ୍କ ଘରେ ଚାକରାଣୀ ହୋଇ କାମ କରିବ ପାଇଁ ତାଙ୍କ ସହିତ ସହର ଯିବ ବୋଲି ଇଚ୍ଛା କରିଥିଲା । କିନ୍ତୁ ଏ ରକ୍ଷଣଶୀଳ ସମାଜ ଯେମିତି ଘୋଷଣା କରିଥିଲା ଚାକରାଣୀ ହୋଇ କାମ କରିବା ପାଇଁ ବି ମଣିଷର ଗୋଟିଏ ଜନ୍ମଗତ ଜାତି ଆବଶ୍ୟକ । ଗିରିଆ ହାତରୁ ଚିଠି ଖଣ୍ଡକ ପଢୁପଢୁ ହରିଜନ ହରିଜନ ଗନ୍ଧରେ ପ୍ରଭାମୟୀଙ୍କର ଯେମିତି ଭ୍ରୁକୁଞ୍ଚିତ ହୋଇଉଠିଲା । ପ୍ରଭାମୟୀ କହିଉଠିଲେ.."ତୋ ଜାତି କ'ଣ ଲୋ ? ତୋ ବାପା ନାଁ ଯଦି ଏମିତି xxx ହରିଜନ । ଅତି କାତର କଣ୍ଠରେ କହିଲା ରୁପେଇ । ସତେ ବା ଗୋଟାଏ ଅଭାଷା ସେ ତୁଣ୍ଡରେ ଧରୁଚି। ହରିଜନ ନୁହେଁ ସେ ଯେମିତି ପାପୀଜନ ବୋଲି କହିଦେଇଛି। ମଇଳାଗଡ଼ିଆରୁ ଉଠି ଆସି ସେ ଯେମିତି ଏତେ ଲୋକଙ୍କ ସାମ୍ନାରେ ଠିଆ ହୋଇଛି । ତା' ଦେହରେ ଯେମିତି ଦୁର୍ଗନ୍ଧ ବାହାରୁଛି - ସେମିତି ଦୋଷୀଟିଏ ଭଳି ରୂପେଇ ମଳିନ ପଡ଼ିଗଲା ।"[୨] ବାସ୍ତବରେ ଆମର ପୁରାଣଶାସ୍ତ୍ର ଓ ସ୍ମୃତିଗୁଡ଼ିକରେ ଜନ୍ମ ଓ କର୍ମକୁ ଆଧାର କରି ମଣିଷକୁ ଯେଉଁ ଭଳି ଭାବରେ ପଙ୍ଗୁ କରି ଦିଆଯାଇଛି, ତାହାର ପରିଣତିକୁ ଆଜି ମଧ୍ୟ ସମାଜର ପଛୁଆ ବର୍ଗର ମଣିଷଙ୍କୁ ବହନ କରିବା ପାଇଁ ପଡୁଚି । ପଛୁଆ ବର୍ଗର ମଣିଷଟିଏ ଚାହିଁଲେ ମଧ୍ୟ ଗାଁ ଗହଳିରେ ବ୍ୟବସାୟଟିଏ କରିପାରୁନାହିଁ। ତେଣୁ ସେ ବାଧ୍ୟ ହୋଇ ତା'ର ସେଇ ଘୃଣିତ ଅପମାନିତ ଜୀବନକୁ ଆପଣେଇ ନେଉଛି। ତେଣୁ ପ୍ରଭାମୟୀଙ୍କ ବକ୍ତବ୍ୟରେ ଯେମିତି ସବୁକାଳର ସତ୍ୟ ଉନ୍ମୋଚନ ହୋଇଛି। ସେ କହି ଉଠିଛନ୍ତି-"ଶ୍ରୀମନ୍ଦିର ଭିତରେ ବ୍ରାହ୍ମଣ, ଚଣ୍ଡାଳ ସମାନ। ବାହାରକୁ ଆସିଲେ ଯୋଉକଥାକୁ ସେଇ କଥା । ଯା ଯା ଘରକୁ ଫେରିଯା । ମିଛରେ ଗୋଟାଏ ନବରଙ୍ଗ ଲାଗିଛି କାଲିଠୁ।"[୩]

ଉପନ୍ୟାସର ଅନ୍ୟ ଏକ ଦିଗରେ ଔପନ୍ୟାସିକା ଦେଖାଇଛନ୍ତି ଯେ ଅସ୍ପୃଶ୍ୟତା ଆଜି କେବଳ ଗାଁ ଗହଳି ମଧ୍ୟରେ ସୀମିତ ରହିନାହିଁ । ସଭ୍ୟ, ଶିକ୍ଷିତ, ଆଧୁନିକ ସହରଗୁଡ଼ିକ ମଧ୍ୟ ତା'ର କୁପ୍ରଭାବ ନିକଟରୁ ମୁକ୍ତ ନୁହଁନ୍ତି । କେବଳ ଗ୍ରାମାଞ୍ଚଳ କାହିଁକି ଆଜି ସହରଗୁଡ଼ିକରେ ମଧ୍ୟ ଛୁଆଁ-ଅଛୁଆଁ ଭେଦଭାବର ପ୍ରାଚୀର ଛିଡ଼ା ହୋଇଛି । ମଣିଷ ମଣିଷଠାରୁ ଦୂରେଇ ଯାଇଛି । ରୁପେଇ ସହରରେ ମଧ୍ୟ ଅନୁଭବ କରିଛି ଯେମିତି ସହର ଏବଂ ଗ୍ରାମ ମଧ୍ୟରେ କୌଣସି ପ୍ରଭେଦ ନାହିଁ । ଲୋକେ କାର୍ଯ୍ୟତଃ ଭିନ୍ନ ହୋଇ ପାରନ୍ତି ମାତ୍ର ସବୁ ସ୍ଥାନରେ ମଣିଷ ପ୍ରକୃତି ଏକ । ମଣିଷ ବାହାରକୁ ଯେତିକି ଭଦ୍ର, ପବିତ୍ର ଓ ମାର୍ଜିତ ଦେଖେଇ ହୁଏ ପ୍ରକୃତରେ ନିଜ ଭିତରେ ସେ ସେତିକି ଭଦ୍ର, ପବିତ୍ର ତଥା ମାର୍ଜିତ ହୋଇ ନଥାନ୍ତି । ସବୁବେଳେ ସୁଯୋଗର ଅନୁସନ୍ଧାନରେ ଥାଆନ୍ତି ଏହି ମଣିଷମାନେ । ମାତ୍ର ଟିକିଏ ସୁଯୋଗ ମିଳିଗଲେ ଏମାନେ ସାଧାରଣ ଅସହାୟା ନାରୀଟିର ଅସହାୟତାର ସୁଯୋଗ ନେବା ପାଇଁ ପଛଘୁଞ୍ଚା ଦିଅନ୍ତି ନାହିଁ। ନିଜକୁ ସଭ୍ୟ ଏବଂ ଉଚ୍ଚ ବୋଲାଉଥିବା ଏହି ମଣିଷମାନେ ଅମାବାସ୍ୟାର ଅନ୍ଧକାର ରାତ୍ରିରେ ଆଦିବାସୀ ହରିଜନ ନାରୀମାନଙ୍କ ସହିତ ରାତି ବିତେଇ ପାରନ୍ତି । ସେଥିରେ ବେଦ ଅଶୁଦ୍ଧ ହୁଏ ନାହିଁ। ହେବାର

ସମ୍ଭାବନା ମଧ୍ୟ ନାହିଁ । କିନ୍ତୁ ଦିନର ଦିବାଲୋକରେ ସେହି ହରିଜନ ଆଦିବାସୀ ନାରୀମାନଙ୍କର ଛାଇ ପଡ଼ିଗଲେ କୁଆଡେ ତାଙ୍କ ଜାତି ଚାଲିଯାଏ । ସେମାନେ ଅପବିତ୍ର ହୋଇଯାଆନ୍ତି। ତାଙ୍କୁ ଗଙ୍ଗାରେ ବୁଡ଼ ପକେଇ ପବିତ୍ର ହେବାକୁ ପଡ଼େ । ସେଦିନ ରୁପେଇ ମହାନ୍ତି ବାବୁଙ୍କ ଖଳାକୁ କାମ କରିବାକୁ ଯାଇଥିବା ବେଳେ ମହାନ୍ତି ବାବୁ ନିଜର କାମନା ମେଣ୍ଟାଇବର କାମନାରେ କେତେ ମିଠା ମିଠା କଥା କହିଗଲେ। କିନ୍ତୁ ଘରେ ବାବୁଆଣୀ ଓ ଅନ୍ୟ ସମସ୍ତଙ୍କ ସାମ୍ନାରେ ରୁପେଇକୁ ଦେଖିଲେ ତାଙ୍କୁ ହରିଜନ ହରିଜନ ଗନ୍ଧାଏ । ସେ ନାକ ଟେକି ଘୃଣା କରନ୍ତି ଏବଂ ମୁହଁ ଛିଞ୍ଚାଡ଼ି କହନ୍ତି- " ଆଲୋ ଛୁଇଁବୁ ଛୁଇଁବୁ । ଦେଇପିଣ୍ଡି ଭଳି ଖଞ୍ଜା ଭିତରକୁ କାହିଁକି ପଶି ଆସୁଛୁ ? ଆଡ଼େଇ ଯା ମୁଁ ବି ଯିବି । ତୁମମାନଙ୍କ ମୁହଁ ଚାହିଁଲେ ଅନୁକୂଳ ବିଗିଡ଼ିଯିବ । ଯେତେ ହେଲେ ଛୋଟ ଜାତି ।"[୪] ଏ ହେଉଛି ଆମ ସଭ୍ୟ, ଶିକ୍ଷିତ ଓ ବଡ଼ଲୋକି ସମାଜର ଏକ ବାସ୍ତବ ଚିତ୍ର ।

ଉପନ୍ୟାସର ଅନ୍ୟ ଏକ ଦିଗରେ ଜଣେ ସଭ୍ୟ ଶିକ୍ଷିତ ଏବଂ ସବର୍ଣ୍ଣ ଯୁବକଦ୍ୱାରା ସମାଜ ସଂସ୍କାରର ଆହ୍ୱାନ ଦେଇଛନ୍ତି ଔପନ୍ୟାସିକା । ଏ ଦିଗରେ ପାଠକ ଦେଖନ୍ତି କଳିଙ୍ଗଙ୍କୁ । କଳିଙ୍ଗ ହେଉଛନ୍ତି ପ୍ରତାପ କେଶରୀ ଓ ପ୍ରଭାମୟୀଙ୍କର ଏକ ମାତ୍ର ସନ୍ତାନ। ଏବଂ ରୁପେଇର ଘୃଣିତ, ଅପମାନିତ ଓ ନିର୍ଯାତିତ ଜୀବନର ଏକମାତ୍ର ମୂକ ସାକ୍ଷୀ । ସେଦିନ ପ୍ରଭାମୟୀ ହରିଜନ କହି ରୁପେଇକୁ ନିଜ ସହିତ ସହରକୁ ନ ଆଣି ଅପମାନିତ କରିଥିବା କଥା କଳିଙ୍ଗଙ୍କୁ ଗଭୀର ଆଘାତ କରିଥିଲା । ସେହିଦିନୁ ସମାଜର ଏହି ଅନ୍ଧ ବୁଝାବଣାର ଦିନେ ସେ ଉଚିତ୍ ଜବାବ ଦେବ ଏହା ତା ଜୀବନର ଏକ ବୃହତ୍ତର ଲକ୍ଷ୍ୟରେ ପରିଣତ ହୋଇଥିଲା । ତେଣୁ ସମାଜ ସଂସ୍କାରର ବହ୍ନିରେ କଳିଙ୍ଗ ନିଜର ପାରମ୍ପରିକ ସଂଜ୍ଞା ତ୍ୟାଗ କରି ଦାସ(ସେବକ) ସଂଜ୍ଞା ଗ୍ରହଣ କରିଛନ୍ତି ଓ ନିଜକୁ ହରିଜନ ଗୋଷ୍ଠି ମଧ୍ୟରେ ଅନ୍ତର୍ଭୁକ୍ତ କରିଛନ୍ତି । ନିଜର ଦାସ ସଂଜ୍ଞା ସପକ୍ଷରେ କହିଛନ୍ତି- " ମୁଁ ଥିଲି କଳିଙ୍ଗ କେଶରୀ ବାଘସିଂହ । ବର୍ତ୍ତମାନ ମୁଁ କଳିଙ୍ଗ କିଶୋର ଦାସ । ଦାସର ଅର୍ଥ ସେବକ । ସେବକ ଜନତାର ଅଥବା ଜନାର୍ଦ୍ଦନଙ୍କର । ଜାତି ଶବ୍ଦଟା ଯେହେତୁ ଆମର ସମ୍ବିଧାନରେ ଚଳୁଛି । ସେଠି ମୁଁ ଲେଖୁଛି ହରିଜନ । ଅର୍ଥାତ୍ ଭଗବାନଙ୍କର ସୃଷ୍ଟ ମଣିଷ ମୁଁ । ବାସ୍ ଏତିକି ମୋର ପରିଚୟ।"[୫]

କଳିଙ୍ଗ ନିଜ ବାପା ପ୍ରତାପକେଶରୀଙ୍କ ଧନ ସଂପତ୍ତିକୁ ତ୍ୟାଗ କରିଛି । ତାଙ୍କ ବିଚାରରେ ବାପାଙ୍କ ଭଳି ହରିଜନ ଆଦିବାସୀ ଓ ସମାଜ ମଙ୍ଗଳ ବିଭାଗରେ କାର୍ଯ୍ୟ କରୁଥିବା ଲୋକମାନଙ୍କ ପାଇଁ ସମାଜରେ ହରିଜନ ଓ ଆଦିବାସୀ ଆଦି ଅନୁନ୍ନତ ଶ୍ରେଣୀର କେବେହେଲେ ଉନ୍ନତି ହୋଇପାରେ ନାହିଁ । ସରକାରଙ୍କ ସମସ୍ତ ସାହାଯ୍ୟ ଓ ସହଯୋଗ ବାଟମାରଣା ହୋଇଯାଏ । ସେମାନେ ତାର ଠିକକୁଳ ପାଆନ୍ତି ନାହିଁ । କଳିଙ୍ଗଙ୍କ ବିଚାରରେ- " ନର୍ଦ୍ଦମା ଉପରେ ଅତର ଛିଞ୍ଚିଲାଭଳି ଅଚ୍ଛୁଆଁ ଜାତି ଉପରେ ହରିଜନ ଶବ୍ଦଟା ଗୋଟେ କଲେଇକରା ଖୋଳ। ଅତର ତଳୁ ନର୍ଦ୍ଦମାର ଗନ୍ଧ ଯେପରି ଉତ୍କଟ ଭାବେ ବାରିହୁଏ, ହରିଜନ ଶବ୍ଦର କଲେଇ ତଳେ ଅଚ୍ଛୁଆଁ ଜାତିର ଅବସ୍ଥା ସେମିତି । ଯାହାଥିଲା ସେଇଆ ଅଛି ।"[୬]

ବାସ୍ତବରେ କେବଳ ମାତ୍ର ହରିଜନ ଶବ୍ଦଟି ଯୁଗଯୁଗ ଧରି ସମାଜରେ ଘୃଣିତ, ଅପମାନିତ, ନିର୍ଯାତିତ ଜୀବନ ବଞ୍ଚୁଥିବା ମଣିଷମାନଙ୍କୁ ସୁରକ୍ଷା ଦେଇପାରିଛି କି ନାହିଁ ତାହା ବିଚାର କରିବାର ବିଷୟ । କିନ୍ତୁ ବର୍ତ୍ତମାନ ସମାଜର ଟିକିଏ ନିମ୍ନସ୍ତରକୁ ଯାଇ ଏହି ଲୋକମାନଙ୍କର ଅସଚୋନୀୟ ଅବସ୍ଥା ଦେଖିଲେ ମନରେ ଅସଂଖ୍ୟ ପ୍ରଶ୍ନ ସୃଷ୍ଟି ହୁଏ, ମଣିଷକୁ ଅଧିକ ଅନ୍ଧାର ଭିତରକୁ ନେଇଯାଏ। ତେଣୁ କଳିଙ୍ଗ ସମସ୍ତ ଝାଡୁଦାର ଓ ମେହେନ୍ତରମାନଙ୍କୁ ଏକ ବୈପ୍ଳବିକ ଆହ୍ୱାନ ଶୁଣାଇଛନ୍ତି- " ଭାଇମାନେ ଏ ସହରର ମଇଳା ଆବର୍ଜନା ସଫାକରି ତମେ ନିଜେ ମୁଣ୍ଡ ଗୁଞ୍ଜୁଛ ନାଳନର୍ଦ୍ଦମାପୂର୍ଣ୍ଣ ଅସ୍ୱାସ୍ଥ୍ୟକର ବସ୍ତିରେ ! ଠିକ୍ ଯେମିତି ଗାଁ ର ମଇଳା ଉଠାଇ ଗାଁ ମୁଣ୍ଡରେ ପଲାମାରି ରହୁଥିଲେ ଅଚ୍ଛୁଆଁ ଜାତି । ଅଚ୍ଛୁଆଁ ଜାତି ପରିବର୍ତ୍ତେ ହରିଜନ ଶବ୍ଦଟି ଛଡ଼ା ଆଉ କିଛି ପରିବର୍ତ୍ତନ ହୋଇନାହିଁ ସାମାଜିକ ରୀତିନୀତି ଚାଲିଚଳନୀରେ । ତମେ ମାନେ ଯେଉଁଠି ଥିଲ ସେଇଠି । ଆଜି ମଧ୍ୟ ତମେମାନେ ମଇଳା ସଫାକର, ଅଇଁଠାପତ୍ର ଉଠାଅ କିନ୍ତୁ ଦେବ ମନ୍ଦିରରେ ପ୍ରବେଶ କରିପାର ନା ସବୁ ସାମ୍ୟବାଦ ରହିଯାଇଛି ଭାଷଣରେ.. ନଥିପତ୍ରରେ। କାର୍ଯ୍ୟତଃ ତୁମ ପୂର୍ବ ପୁରୁଷମାନେ ଯେଉଁଠି ଥିଲେ ତମେ ସେଇଠି ଅଛ ।"[୭]

ପରିଶେଷରେ ହରିଜନ ଓ ମେହେନ୍ତର ଲୋକମାନଙ୍କୁ ନର୍ଦ୍ଦମାର ଲାଙ୍ଗୁଡ଼ିଆ ପୋକ ମନେ କରୁଥିବା ପ୍ରଭାମୟୀଙ୍କୁ କଳିଙ୍ଗ ଯେଉଁ ବିଦ୍ରୋହାତ୍ମକ ବାଣୀ ଶୁଣାଇଛନ୍ତି, ସେଇଥିରୁ ଅସ୍ପୃଶ୍ୟତାର ପରିଣତି ଯେ ଦିନେ କେତେ ଭୟଙ୍କର ହେବେ ତାହା ଅନୁମାନ କରିହୁଏ। କଳିଙ୍ଗଙ୍କ ଭାଷାରେ "ମେହେନ୍ତରମାନେ ବାପ ଆଜା ଚଉଦ ପୁରୁଷ ଧରି ପୃଥିବୀଯାକର ମଇଳା ସଫା କରିଆସୁଛନ୍ତି । ଏଣିକି ଅଣ ମେହେନ୍ତରମାନେ ମଇଳା ସଫା କରନ୍ତୁ । ସମସ୍ତେ ସମାନ ବୋଲି ମୁହଁରେ କହିଦେଲେ ତ ଚଳିବନି । କାମରେ କରି ଦେଖାଇବାକୁ ପଡ଼ିବ । ମଣିଷମାନଙ୍କୁ ନାଳନର୍ଦ୍ଦମାର ପୋକ ଭାବିଲେ ସେ ଦିନେ ନା ଦିନେ ଜାନ୍ତୁଆର ହୋଇ ଆକ୍ରମଣ କରିବ। ତା'ର ଫଳାଫଳ ଖୁବ୍ ଭୟାନକ ହେବ ।"[୮]

ବାସ୍ତବରେ ଉପନ୍ୟାସଟି ଆମ ସମାଜରେ ଅସ୍ପୃଶ୍ୟ ବା ଅଚ୍ଛୁଆଁ ଭାବେ ପରିଗଣିତ ହୋଇଥିବା ଲୋକମାନଙ୍କର ଅତୀତ, ବର୍ତ୍ତମାନ ଓ ଭବିଷ୍ୟତର ସର୍ବକାଳୀନ ସମସ୍ୟାକୁ ଉପସ୍ଥାପନ କରିପାରିଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ଅସ୍ପୃଶ୍ୟତା ଏକ ଚିହ୍ନ ନୁହେଁ ଏକ ସାମାଜିକ ବ୍ୟାଧି। ଏହି ବ୍ୟାଧିର ତୁରନ୍ତ ନିରାକରଣ କରାନଗଲେ ତା ଆମ ସାମାଜିକ ଜୀବନକୁ ବିନାଶ କରିଦେବ । ଜାତୀୟ ଏକତା ଓ ଜାତୀୟ ସଂହତି ତଥା ଜାତୀୟ ଉନ୍ନତି କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ଭାବରେ ଦଣ୍ଡାୟମାନ ହେବ।

**ସଙ୍କେତ ସୂଚୀ:**


୧. ମଲ୍ଲିକ, ହୃଷୀକେଶ, କୋଣାର୍କ, ସଂଖ୍ୟା-୧୦୧, ପ୍ରଥମ ପ୍ରକାଶ, ୨୦୨୧, ପୃ. ୧୨୮।

୨. ରାୟ, ପ୍ରତିଭା, ନୀଳତୃଷ୍ଣା, ପ୍ରଥମ ପ୍ରକାଶ, ଆଦ୍ୟା ପ୍ରକାଶନୀ, ଭୁବନେଶ୍ୱର, ୧୯୮୧, ପୃ. ୪୪।

୩. —, ନୀଳତୃଷ୍ଣା, ପୃ. ୧୮୩।

୪. —, ନୀଳତୃଷ୍ଣା, ପୃ. ୭୨।

୫. —, ନୀଳତୃଷ୍ଣା, ପୃ. ୧୧୩।

୬. —, ନୀଳତୃଷ୍ଣା, ପୃ. ୧୧୦।

୭. —, ନୀଳତୃଷ୍ଣା, ପୃ. ୧୧୧।


«««

| | |
|---|---|
| **Funding Statement:** | This research received no external funding |
| **Conflict of Interest:** | No |
| **Plagiarism Test:** | Yes (DrillBit)<br>Similarity Index: 0 % |
| **Ethical Approval:** | Not applicable |
| **License:** | Asprushyataa Prasanga Banam Neelatrushnaa: Eka Anushilana © 2025 by Deepak Mallik is licensed under Creative Commons Attribution-NonCommercial 4.0 International. To view a copy of this license, visit https://creativecommons.org/licenses/by-nc/4.0/ |


BINDU BIMARSHA...